# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 10th May - 2025

**************************************

*GNR*

## ଅପରେସନ୍ ସିନ୍ଦୂର

'ଅପରେସନ୍ ସିନ୍ଦୂର' ଅନ୍ତର୍ଗତ ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନମୂଳକ ପରିସ୍ଥିତି ସମ୍ପର୍କରେ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଭିନ୍ନ ଭିନ୍ନ ବୈଠକ କରି ସମୀକ୍ଷା କରିଛନ୍ତି । ବୈଠକରେ ଦେଶର ସୀମା, ଆଭ୍ୟନ୍ତରୀଣ ସୁରକ୍ଷା ସ୍ଥିତି ଓ ମୁକାବିଲା ପରିସ୍ଥିତିର ସମୀକ୍ଷା କରାଯାଇଛି ।

ସେହିଭଳି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆଜି ପୂର୍ବାହ୍ନ ୧୦ଟା ସମୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶର ୩୨ଟି ବିମାନ ବନ୍ଦରକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ସେହିଭଳି ବିମାନ ଯାତ୍ରା ସମୟରେ ଯାତ୍ରୀଙ୍କପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମଧ୍ୟ ହାଇ ଆଲର୍ଟ ଜାରି କରାଯାଇଛି । ବହୁ ସ୍ଥାନରେ ବିମାନ ବନ୍ଦର ବନ୍ଦ ହେବା ଯୋଗୁ ପ୍ରଭାବିତ ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇ ପକ୍ଷରୁ

ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରାଯାଇଛି । ଏନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିସ୍ତୃତ ସମୀକ୍ଷା କରିବା ସହ ସୀମାନ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଟ୍ରେନ୍ ସେବା ଆରମ୍ଭ କରିବାପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ ଏବଂ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

ପୁରୀରେ ସୁରକ୍ଷା ବୃଦ୍ଧି କରାଯାଇଛି । ପୁରୀ ସହରକୁ ସଂଯୋଗ କରୁଥିବା ସମସ୍ତ ପ୍ରବେଶ ପଥରେ କଡ଼ାକଡ଼ି ଚେକିଂ କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ଅପରପକ୍ଷରେ ଜମ୍ମୁରେ ଅଧ୍ୟୟନରତ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଓଡ଼ିଶା ଫେରାଇ ଆଣିବାପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏନେଇ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବା ସହ ସ୍ୱତନ୍ତ୍ର ନମ୍ବର ଜାରି କରାଯାଇଛି ।

***Desk***

## ବ୍ୟାଙ୍କ୍ ସେବା

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନୂଆଦିଲ୍ଲୀରେ ବ୍ୟାଙ୍କିଙ୍ଗ୍ ଏବଂ ୟୁ.ପି.ଆଇ. ଭଳି ଡିଜିଟାଲ୍ ଆପ୍ଲିକେସନ୍ ସମେତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ପରିଚାଳନାଗତ ଏବଂ ସାଇବର ସୁରକ୍ଷା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ସୀତାରମଣ ଦେଶରେ ଉପୁଜିଥିବା ସମ୍ପ୍ରତି ଉତ୍ତେଜନା ପରିସ୍ଥିତି ସମୟରେ ସୀମାନ୍ତ ଅଞ୍ଚଳରେ ଥିବା

ବ୍ୟାଙ୍କ୍‌ଗୁଡ଼ିକର କର୍ମଚାରୀ ଓ ସେମାନଙ୍କ ପରିବାରର ନିରାପତ୍ତା ସୁନିଶ୍ଚିତ କରିବାକୁ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଯେକୌଣସି ପରିସ୍ଥିତିର ମୁକାବିଲାପାଇଁ ପ୍ରସ୍ତୁତ ରହିବା ସହ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବାଗୁଡ଼ିକର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମସ୍ତ ବ୍ୟାଙ୍କ୍‌କୁ ସେ ପରାମର୍ଶ ଦେଇଛନ୍ତି ।

***Desk***

# ସଂଗ୍ରାମୀ ପେନ୍‌ସନ୍

ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି । ଏହାସହ ଜରୁରୀକାଳୀନ ପରିସ୍ଥିତି ସମୟରେ ମିଶା ଆଇନରେ ବନ୍ଦୀ ହୋଇଥିବା ଆଉ ୧୯ ଜଣ ସଂଗ୍ରାମୀଙ୍କପାଇଁ ପେନ୍‌ସନ୍ ଘୋଷଣା କରାଯାଇଛି । ପୂର୍ବରୁ ୨୧ ଜଣ ମିଶା ବନ୍ଦୀଙ୍କ ପାଇଁ ପେନ୍‌ସନ୍ ଘୋଷଣା ହୋଇଥିଲା । ଏହି ସଂଗ୍ରାମୀମାନେ ମାସକୁ ୨୦ ହଜାର ଟଙ୍କା ଲେଖାଏଁ ପେନ୍‌ସନ୍ ପାଇବେ ।

***Desk***

# ଆଇ.ଏ.ଏସ୍. ଅଦଳ ବଦଳ

ରାଜ୍ୟ ସରକାରଙ୍କ ପକ୍ଷରୁ ଆଇ.ଏ.ଏସ୍. ଅଧିକାରୀଙ୍କ ସ୍ତରରେ ଅଦଳ ବଦଳ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି

ଅନୁସାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କୁ ବଦଳି କରାଯାଇ ନିର୍ମାଣ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସେହିଭଳି ଜି.ଏସ୍.ଟି. କମିଶନର ଯାମିନୀ ଷଡ଼ଙ୍ଗୀଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ଭାବେ ଦାୟିତ୍ୱ ଦିଆଯାଇଛି ।

***Puri/R***

# ରଥ ନିର୍ମାଣ

ପୁରୀ ଶ୍ରୀମନ୍ଦିର ରଥଖଳାଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରଥ ନିର୍ମାଣ କାର୍ଯ୍ୟ ବୁଲି ଦେଖିଛନ୍ତି । ଏହି ସମୟରେ ଶ୍ରୀ ପାଢ଼ୀ ତିନିରଥର ମୁଖ୍ୟ ମହାରଣାମାନଙ୍କ ସହ ଆଲୋଚନା କରିଛନ୍ତି । ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ଲୁହା ସରଞ୍ଜାମ ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ପାଢ଼ୀ ସମୀକ୍ଷା କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Sonepur/R***

# ସମ୍ଭାବ୍ୟ ବନ୍ୟା ପରିସ୍ଥିତି

ସୁବର୍ଣ୍ଣପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ

କକ୍ଷରେ ଆୟୋଜିତ ବୈଠକରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ବିସ୍ତୃତ ତଥ୍ୟ ଉପସ୍ଥାପନ ହୋଇଥିଲା ।

***Kandhamal/R***

## ପେନ୍‌ସନ୍ ଅଦାଲତ

ଫୁଲବାଣୀ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ପେନ୍‌ସନ୍ ଅଦାଲତ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ । ଏଥିରେ ଦୀର୍ଘଦିନ ଧରି ବିଚାରାଧୀନ ଥିବା ପେନ୍‌ସନ୍ ମାମଲା, ଗ୍ରାଚୁଇଟି, ଜି.ପି.ଏଫ୍. ସହ ଜଡ଼ିତ ବିଭିନ୍ନ ସମସ୍ୟାର ସମାଧାନ କରାଯିବ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେବେ ।

***Desk***

## ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ସପ୍ତମ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାର ରଗ୍‌ବୀ ପ୍ରତିଯୋଗତାରେ ଓଡ଼ିଶା ବାଳିକା ରଗ୍‌ବୀ ଦଳ ସ୍ୱର୍ଣ୍ଣପଦକ ହାସଲ କରିଛି । ବାଳିକା ଦଳ ଫାଇନାଲ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ସେହିଭଳି ବାଳକ ଦଳ ରୌପ୍ୟ ପଦକ ହାସଲ କରିଛି ।

***Desk***

# ପାଣିପାଗ

ରାଜ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ୬ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ ହୋଇଛି । ସମ୍ବଲପୁରରେ ସର୍ବାଧିକ ତାପମାତ୍ରା ୪୦ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ପାଣିପାଗ କେନ୍ଦ୍ର ପକ୍ଷରୁ ଆଜିଠାରୁ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମଲହରୀ ବୃଦ୍ଧି ପାଇବା ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****